ଓଡ଼ିଶା ଡ଼ଟ୍ କମ୍
odisha.com
World's first and only 24 x 7 Oriya news portal



## ବିଜ୍ଞାନ ସଂସ୍ଥା: ରହିତାଦେଶ ଉପରେ ସୁପ୍ରିମ କୋର୍ଟଙ୍କ ରହିତାଦେଶ

ଓଡ଼ିଶା ଡଟ୍ କମ୍ ସମ୍ବାଦଦାତା

ନୂଆଦିଲ୍ଲୀ, ଫେବୃୟାରୀ ୧୦(ଓଡ଼ିଶା ଡଟ୍ କମ୍) ଓଡ଼ିଶାରେ ପ୍ରସ୍ତାବିତ ଜାତୀୟ ବିଜ୍ଞାନ ସଂସ୍ଥା ସ୍ଥାନାନ୍ତର ମାମଲାରେ ପୂର୍ବରୁ ଓଡ଼ିଶା ହାଇକୋର୍ଟ ଜାରୀ କରିଥିବା ରହିତାଦେଶ ଉପରେ ନିକଟରେ ସୁପ୍ରିମ କୋର୍ଟ ରହିତାଦେଶ ଜାରୀ କରିଥିବା ଜଣେ ଆଇନଜୀବି ଶୁକ୍ରବାର କହିଛନ୍ତି ।

୨୦୦୩ ଡ଼ିସେମ୍ବରରେ ତତ୍କାଳୀନ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଭାରତୀୟ ବିଜ୍ଞାନ ସଂସ୍ଥାନ ଦେଶର ଚାରୋଟି ସହର ଯଥା ପୁନେ ,ଭୁବନେଶ୍ୱର,ଆହ୍ଲାବାଦ , ଓ ଚେନ୍ନାଇରେ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଥିଲେ ।

**ଏହାସହ ପଢନ୍ତୁ**

ବିଜ୍ଞାନ ସଂସ୍ଥା

ତେବେ ଗତ ସେପ୍ଟେମ୍ବର ମାସରେ ପ୍ରଧାନମନ୍ତ୍ରୀ କରିଥିବା ଘୋଷଣା ଅନୁସାରେ କୋଲକାତା ଏବଂ ପୁନେରେ 'ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଫର୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ' ପ୍ରତିଷ୍ଠା ହେବ ।

ପରବର୍ତ୍ତୀ ସମୟରେ ଚଣ୍ଡୀଗଡଠାରେ ମଧ ଏହିପରି ଏକ ଅନୁଷ୍ଠାନ ପ୍ରତିଷ୍ଠା ହେବ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି ।

ତେବେ ଜାତୀୟ ବିଜ୍ଞାନ ସଂସ୍ଥାର ନାମ ବଦଳାଇ ଏହି ଅନଷ୍ଠାନକୁ କୋଲକାତାକୁ ସ୍ଥାନାନ୍ତର କରାଯାଇଛି ବୋଲି ଅଭିଯୋଗ କରି 'ରାଜ୍ୟ ଜନସ୍ୱାର୍ଥ ସୁରକ୍ଷା ପରିଷଦ'ର ସଭାପତି ପ୍ରଶାନ୍ତ କୁମାର ଦାଶ ଏ ସଂକ୍ରାନ୍ତରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ ।

ଉକ୍ତ ମାମଲାର ବିଚାର କରି ହାଇକୋର୍ଟର ମୁଖ୍ୟ ବିଚାରପତି ସୁଜିତ ବର୍ମନ ରାୟ ଏବଂ ମଦନ ମୋହନ ଦାସଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ପଶ୍ଚିମବଙ୍ଗର ନାମ ଉଲ୍ଲେଖ ନ କରି ''ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନକୁ ଭୁବନେଶ୍ୱରରୁ ପୂର୍ବାଞ୍ଚଳର ଅନ୍ୟ କୌଣସି ସ୍ଥାନକୁ ସ୍ଥାନାନ୍ତର ଉପରେ ଆମେ ରହିତାଦେଶ ଜାରୀ କରୁଛୁ'' ବୋଲି ନିର୍ଦ୍ଦେଶ ଦେଇଥିଲେ ।

ତେବେ କେନ୍ଦ୍ର ସରକାର ଏହି ମାମଲାରେ ସୁପ୍ରିମ କୋର୍ଟର ଦ୍ୱାରସ୍ଥ ହୋଇଥିଲେ ।

ମାମଲାକୁ ବିଚାର ପାଇଁ ଗ୍ରହଣ କରି ଗତ ଜାନୁୟାରୀ ୨୭ ତାରିଖରେ ଉଚ୍ଚତମ ନ୍ୟାୟାଳୟର ମାନ୍ୟବର ବିଚାରପତି ଜଷ୍ଟିସ୍ ଅରୁଣ କୁମାର ଓ ଜଷ୍ଟିସ ଜି ପି ମାଥୁର ହାଇକୋର୍ଟ ଦେଇଥିବା ମଧ୍ୟବର୍ତ୍ତୀକାଳୀନ ରହିତାଦେଶ ଉପରେ ରହିତାଦେଶ ଜାରୀ କରିଥିବା ସୁପ୍ରିମ କୋର୍ଟର ଜଣେ ବରିଷ୍ଠ ଓକିଲ ବିକାଶ ମହାନ୍ତି ଓଡ଼ିଶା ଡଟ୍ କମ୍ କୁ କହିଛନ୍ତି ।

''ଏହି ମାମଲାର ପରବର୍ତ୍ତୀ ଶୁଣାଣି କେବେ ହେବ ସେ ସଂକ୍ରାନ୍ତରେ ମୋ ପାଖରେ କୌଣସି ତଥ୍ୟ ନାହିଁ'' ମହାନ୍ତି କହିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ହାଇକୋର୍ଟର ରହିତାଦେଶ ଉପରେ ସୁପ୍ରିମକୋର୍ଟର ଏହି ରହିତାଦେଶ

ପରେ କେନ୍ଦ୍ର ସରକାରଙ୍କୁ ଅନ୍ୟ ରାଜ୍ୟରେ ବିଜ୍ଞାନ ସଂସ୍ଥା ସ୍ଥାପନ କାର୍ଯ୍ୟ ଆରମ୍ଭ କରିବା ପାଇଁ କୌଣସି ଆଇନ ଗତ ଅସୁବିଧାର ସାମନା କରିବାକୁ ପଡ଼ିବ ନାହିଁ ।

ଓଡ଼ିଶା ଡଟ୍ କମ୍

---

Contact address: info@odisha.com , odisha@rediffmail.com
Copy right 2004-2009 odisha.com, All rights reserved
Editor in Chief: JATINDRA DASH
ଓଡ଼ିଶା ଡ଼ଟ୍ କମ୍ର ଘୋଷଣାନାମା

---